# ଗରିମା ଯୋଜନାକୁ କଟକ ମେହେନ୍ତର ସଂଘର ସ୍ୱାଗତ

**କଟକ,୧୫।୯/ଏନ୍‌ଏନ୍‌ଏସ୍:** କଟକ ମେହେନ୍ତର ସଂଘ ପକ୍ଷରୁ ସଫେଇ କର୍ମଚାରୀଙ୍କ ପାଇଁ ରାଜ୍ୟ ସରକାରଙ୍କ ଗରିମା ଯୋଜନାକୁ ସ୍ୱାଗତ କରାଯାଇଛି । ସଫେଇ କର୍ମଚାରୀଙ୍କ ଉନ୍ନତି ପାଇଁ ସେମାନଙ୍କୁ ସ୍ୱତନ୍ତ୍ର ଭତ୍ତା, ସ୍ୱାସ୍ଥ୍ୟସେବା ସୁବିଧା, ଜୀବନ ବୀମା, ପିଲାଙ୍କ ଉଚ୍ଚଶିକ୍ଷା, ଗୃହ ନିର୍ମାଣ ଓ ଦୁଇଚକିଆ ଗାଡ଼ି କିଣିବା ପାଇଁ ୯୦ ପ୍ରତିଶତ ଅନୁଦାନ, ବ୍ୟକ୍ତିଗତ ସୁରକ୍ଷା ଉପକରଣ, ଅନୁକମ୍ପାମୂଳକ ସହାୟତା, ଇପିଏଫ୍, ଇଏସ୍‌ଆଇ ଭଳି କଲ୍ୟାଣ ଯୋଜନାର ସହାୟତା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି । ଯାହାକୁ ସଂଘ ପକ୍ଷରୁ ସଭାପତି ତଥା ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରସାଦ ସିଂହ, କାର୍ଯ୍ୟକାରୀ ସଭାପତି ହରିବନ୍ଧୁ ନାୟକ, ସମ୍ପାଦକ ରତ୍ନାକର ମୁଖୀ, ଉପସଭାପତି ନରେନ୍ଦ୍ର ନାୟକ, ଯୁଗ୍ମ ସମ୍ପାଦକ ଉମେଶ ଚନ୍ଦ୍ର ନାୟକ, କୋଷାଧ୍ୟକ୍ଷ ମନୋରଞ୍ଜନ ପଣ୍ଡା ପ୍ରମୁଖ ସ୍ୱାଗତ କରିଛନ୍ତି । ଏହି ଅବସରରେ ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ବିଭାଗ ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତିରେ ସେପ୍‌ଟିକ ଟାଙ୍କି ତଥା ବିପଦପୂର୍ଣ୍ଣ ସ୍ଥାନରୁ ମଇଳା ସଫା କରୁଥିବା ସଫେଇ କର୍ମଚାରୀଙ୍କ ପାଇଁ ଏହି ବ୍ୟବସ୍ଥା ଲାଗୁ ହେବାକୁ ସୂଚନା ଦିଆଯାଇଛି । ଏହା ରାଜ୍ୟର ୧୧୪ଟି ମହାନଗର ନିଗମ, ପୌରସଂସ୍ଥା ଓ ବିଜ୍ଞପିତଅଞ୍ଚଳରେ କାର୍ଯ୍ୟରତ ସ୍ଥାୟୀ, ଅସ୍ଥାୟୀ, ଠିକାସଂସ୍ଥା ଦ୍ୱାରା ନିଯୁକ୍ତ ସଫେଇ କର୍ମଚାରୀ ତଥା କୁଲିମାନଙ୍କ କ୍ଷେତ୍ରରେ କାର୍ଯ୍ୟକାରୀ ହେବାର ଆବଶ୍ୟକତା ଅପରିହାର୍ଯ୍ୟ ହୋଇପଡିଛି । ରାଜ୍ୟ ସରକାର ଏକ ସଫେଇ କମିଶନ ଗଠନ କରିବା ସହ ୫୦କୋଟି ଟଙ୍କାର ଏକ କର୍ପସ୍ ଫଣ୍ଡ ଗଠନ କରିବା ନିଷ୍ପତ୍ତି ନେଇଥିବାରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଓ ନଗର ଉନ୍ନୟନ ମନ୍ତ୍ରୀ ପ୍ରତାପ ଜେନାଙ୍କୁ ସଂଘ ପକ୍ଷରୁ କୃତଜ୍ଞତା ଜ୍ଞାପନ କରାଯାଇଛି । ଏଥି ସହିତ କ୍ଷୁଦ୍ରତମ ବିଜ୍ଞପିତଅଞ୍ଚଳ ପରିଷଦ ଓ ପୌରସଂସ୍ଥାଗୁଡ଼ିକରେ ସଫେଇ କାର୍ଯ୍ୟରେ ନିୟୋଜିତ ଝାଡୁଦାର, ଡ୍ରେନ୍‌ମ୍ୟାନ୍ କୁଲି, ଟ୍ରକ୍‌କୁ ମଇଳା ଉଠାଉଥିବା କୁଲିଙ୍କୁ ମଧ୍ୟ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ପାଇଁ ସଂଘ ପକ୍ଷରୁ ରାଜ୍ୟ ସରକାରଙ୍କୁ ନିବେଦନ କରାଯାଇଛି ।

ନିତିଦିନ NITIDIN Wed, Sep 16, 2020
http://odishanewsnitidin.com